# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 7th August – 2025

************************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ହସ୍ତତନ୍ତ ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ; ଜାତୀୟ ହସ୍ତତନ୍ତ ଦିବସରେ କହିଲେ ମୁଖ୍ୟମନ୍ତ୍ରୀ ।

— ନୂଆଦିଲ୍ଲୀରେ ସନ୍ଥକବୀର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କଲେ କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ।

- ଉପରାଷ୍ଟ୍ରପତି ନିର୍ବାଚନପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଜାରି ହେଲା ଅଧିସୂଚନା ।

- ରାଜ୍ୟରେ ଆସନ୍ତା ନଭେମ୍ବରରୁ ବଣ୍ଟନ ହେବ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ।

ଏବଂ

- ସହରାଞ୍ଚଳ ରାସ୍ତା ନିର୍ମାଣ ପାଇଁ ପ୍ଲାଷ୍ଟିକ୍ ବର୍ଜ୍ୟ ବ୍ୟବହାର ନେଇ ନଗର ଉନ୍ନୟନ ବିଭାଗର ପ୍ରସ୍ତାବ ।

***BBSR/R***

# ହସ୍ତତନ୍ତ-୧

ଓଡ଼ିଶାର ହସ୍ତତନ୍ତ ଓଡ଼ିଆ ଅସ୍ମିତାର ଏକ ପ୍ରମୁଖ ସ୍ତମ୍ଭ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନରେ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ହସ୍ତତନ୍ତ ଉନ୍ନୟନ ଯୋଜନା ମାଧ୍ୟମରେ ବୁଣାକାରମାନଙ୍କ ସାମାଜିକ-ଆର୍ଥିକ ଅବସ୍ଥାକୁ ଉନ୍ନତ କରିବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ୧ ଲକ୍ଷ ୩୦ ହଜାରରୁ ଅଧିକ ବୁଣାକାର ଓ ସହାୟକ ଶ୍ରମିକ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି । ଆମ ହସ୍ତତନ୍ତ ଏକ ଜୀବନ୍ତ କଳା, ଯାହା ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ଓଡ଼ିଶାକୁ ଗୌରବାନ୍ୱିତ କରାଉଛି । ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ବସ୍ତ୍ର ପରିଧାନପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

***Voice (CM)*** :........

ଏହି ଅବସରରେ ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ମେଳା ଏକତାକୁ ଉଦ୍‌ଘାଟନ କରିଛନ୍ତି । ଏହାସହ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତ୍ରୀ ମାଧୁରୀ ଦୀକ୍ଷିତ୍‌ଙ୍କୁ ୧ ବର୍ଷପାଇଁ ଓଡ଼ିଶା ହସ୍ତତନ୍ତର ବ୍ରାଣ୍ଡ ଆମ୍ବାସାଡ଼ାର ଭାବେ ଘୋଷଣା କରାଯାଇଛି । ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମରେ ରାଜ୍ୟର ହସ୍ତତନ୍ତ ବୁଣାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

*Desk*

## ହସ୍ତତନ୍ତ ଦିବସ - ପୁରସ୍କାର

ନୂଆଦିଲ୍ଲୀର ବିଜ୍ଞାନ ଭବନଠାରେ ଆଜି କେନ୍ଦ୍ର ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ’ ସନ୍ଥ କବୀର ହସ୍ତତନ୍ତ ପୁରସ୍କାର ଏବଂ ଜାତୀୟ ହସ୍ତତନ୍ତ ପୁରସ୍କାର ପ୍ରଦାନ କରିଛନ୍ତି । ଦେଶର ବୁଣାକାର, ବିକ୍ରେତା, ଷ୍ଟାର୍ଟଅପ୍ ଏବଂ କମ୍ପାନୀଗୁଡ଼ିକୁ ହସ୍ତତନ୍ତକୁ ଲୋକପ୍ରିୟ କରିବା ଦିଗରେ ଦେଇଥିବା ଅବଦାନ ସ୍ୱରୂପ ଏହି ପୁରଷ୍କାର ପ୍ରଦାନ କରାଯାଇଛି।

*Desk*

## ହସ୍ତତନ୍ତ-୩

ଓଡ଼ିଶାର ହସ୍ତତନ୍ତ କାଳଜୟୀ ସୌନ୍ଦର୍ଯ୍ୟ ଓ ପରମ୍ପରାକୁ ପ୍ରତିପାଦିତ କରୁଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଆଜି ଶ୍ରୀ ପ୍ରଧାନ କହିଛନ୍ତି, ହସ୍ତତନ୍ତ କେବଳ ପୋଷାକ ନୁହେଁ; ବରଂ ଓଡ଼ିଶାର ଭାବାବେଗର ଅଂଶବିଶେଷ । ପ୍ରତ୍ୟେକ ବୟନ ପରମ୍ପରା, ସାଂସ୍କୃତି ଐତିହ୍ୟ ଏବଂ କଳାକୃତିର ସମାହାର । ବୁଣାକାରମାନେ ଦେଶର ବୟନ ଐତିହ୍ୟକୁ ସଂରକ୍ଷଣ ଦେବା ସହ ସେମାନଙ୍କର ଦକ୍ଷତା ଓ ନବସୃଜନ ଆଧାରରେ ବୟନ କ୍ଷେତ୍ରକୁ ପରିବର୍ତ୍ତନ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

*Desk*

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଅଧିସୂଚନା ଜାରି କରାଯାଇଛି । ଏଥିସହ ଆଜିଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି । ନାମାଙ୍କନ, ନାମାଙ୍କନ ଯାଞ୍ଚ, ପ୍ରତ୍ୟାହାର ଓ ମତଦାନ ତାରିଖ ପୂର୍ବରୁ ଘୋଷଣା କରାଯାଇଛି । ସୂଚନା ଅନୁଯାୟୀ, ଏହି ପଦପାଇଁ ଏକାଧିକ ନାମାଙ୍କନ ପତ୍ର ଦାଖଲ ହେଲେ ସେପ୍ଟେମ୍ବର ୯ ତାରିଖରେ ଭୋଟ୍‌ଗ୍ରହଣ ହେବ । ଜଗଦୀପ୍ ଧନଖଡ଼୍ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଗତମାସ ୨୨ ତାରିଖରେ ଉପରାଷ୍ଟ୍ରପତି ପଦବିରୁ ଇସ୍ତଫା ଦେଇଥିଲେ ।

*BBSR/R*

# ରାସ୍ତା ନିର୍ମାଣ - ବୈଠକ

ରାଜ୍ୟର ସହରାଞ୍ଚଳଗୁଡ଼ିକରେ ରାସ୍ତା ନିର୍ମାଣପାଇଁ ପ୍ଲାଷ୍ଟିକ୍ ବର୍ଜ୍ୟ ବ୍ୟବହାର ନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସହରାଞ୍ଚଳ ଭିତ୍ତିଭୂମି ବିକାଶରେ ସ୍ଥାୟୀ ଓ ପରିବେଶ ଅନୁକୂଳ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଉପରେ ଶ୍ରୀମତୀ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି ।

ପ୍ଲାଷ୍ଟିକ ବର୍ଜ୍ୟ ବିଶେଷକରି ବୋତଲ, ପଲିଥିନ୍ ଆଦି ଜିନିଷକୁ ଗରମ ବିଟୁମେନ୍ ସହିତ ମିଶାଇ ରାସ୍ତା ନିର୍ମାଣ କରାଯାଇପାରିବ । ଜାତୀୟ ରାଜପଥ ପ୍ରାଧିକରଣଦ୍ୱାରା ଏହି ପଦ୍ଧତିକୁ ସଫଳତାର ସହିତ କାର୍ଯ୍ୟକାରୀ କରାଯାଉଛି । ଏହାଦ୍ୱାରା ରାସ୍ତାର ସ୍ଥାୟିତ୍ୱ ଏବଂ ଗୁଣବତ୍ତା ବୃଦ୍ଧି ସହିତ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା କାର୍ଯ୍ୟ ସୁଗମ ହୋଇପାରିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି । ପ୍ରଦୂଷଣମୁକ୍ତ ଏବଂ ସ୍ଥାୟୀ ପରିବେଶ ହାସଲ କରିବା ପ୍ରତିବଦ୍ଧତାରେ ଓଡ଼ିଶା ଏବେ ବିଭିନ୍ନ ରଣନୀତି ଅନୁସନ୍ଧାନ କରୁଛି । ରାଜ୍ୟର କିଛି ସହରାଞ୍ଚଳରେ ଏ ସମ୍ପର୍କିତ ପାଇଲଟ୍ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବନା ଉପରେ ଆଲୋଚନା କରାଯାଇଛି । ପାଇଲଟ୍ ପ୍ରକଳ୍ପ ସଫଳ ହେଲେ ଆଗକୁ ସଡ଼କ ନିର୍ମାଣରେ ବ୍ୟାପକ ଭାବେ ପ୍ଲାଷ୍ଟିକ୍ ବର୍ଜ୍ୟ ବ୍ୟବହାର କରାଯିବ ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି ।

***BBSR/R***

# ଆଦି-କର୍ମଯୋଗୀ ଅଭିଯାନ

ସରକାରଙ୍କ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଦି-କର୍ମଯୋଗୀ ଅଭିଯାନ ଆରମ୍ଭ ହୋଇଛି । ଏହିକ୍ରମରେ ଭୁବନେଶ୍ୱରଠାରେ ଆଦି-କର୍ମଯୋଗୀ ଆଞ୍ଚଳିକ ପ୍ରୋସେସ୍ ଲ୍ୟାବ୍ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସମେତ ଅନୁସୂଚିତ ଜାତି ଓ ଜନଜାତିଙ୍କପାଇଁ ଉଦ୍ଦିଷ୍ଟ ବିଭିନ୍ନ

ଯୋଜନା ସମ୍ପର୍କରେ ଆଲୋଚନା ହୋଇଛି । କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ବିହାରର ପ୍ରତିଭାଗୀମାନେ ଭାଗ ନେଇଥିଲେ । ଦେଶର ୧ ଲକ୍ଷ ଆଦିବାସୀ ଗ୍ରାମରେ ଆଦି-କର୍ମଯୋଗୀ ଅଭିଯାନ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି । ପ୍ରଥମ ପର୍ଯ୍ୟାୟରେ ଓଡ଼ିଶାର ୨୨ଟି ଜିଲ୍ଲାରେ ଏହି ଅଭିଯାନ କାର୍ଯ୍ୟକାରୀ କରାଯିବ ।

***HS***

# ପି.ଏମ୍. ଆବାସ ଯୋଜନା

ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ ଆସନ୍ତା ନଭେମ୍ବର ମାସରୁ ଆରମ୍ଭ ହେବ । ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି, ୨୦୧୬ରୁ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ଘର ଅସମ୍ପୂର୍ଣ୍ଣ ରହିଛି । ଅକ୍ଟୋବର ସୁଦ୍ଧା ଅସମ୍ପୂର୍ଣ୍ଣ ଘରଗୁଡ଼ିକର ନିର୍ମାଣ ଶେଷ ହେବ । ଆସନ୍ତା ୨୫ ତାରିଖ ସୁଦ୍ଧା ୨୧ଟି ମେଗା ପ୍ରକଳ୍ପର କାର୍ଯ୍ୟ ଶେଷ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି କେନ୍ଦ୍ରମନ୍ତ୍ରୀମାନଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ୍ କରି ରାଜ୍ୟର ବିଭିନ୍ନ ବିକାଶମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ମନରେଗାରେ ପୂର୍ବରୁ ମିଳୁଥିବା ୧ ଲକ୍ଷ ଟଙ୍କାକୁ ଏବେ ୬ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିବା ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ।

*Desk*

# ହସ୍ତତନ୍ତ - ବିଶେଷ ରିପୋର୍ଟ

ହସ୍ତଶିଳ୍ପ କାରିଗରଙ୍କୁ ପ୍ରୋତ୍ସାହିତ କରିବା ଏବଂ ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ଉଜ୍ଜିବୀତ ରଖିବା ଉଦ୍ଦେଶ୍ୟରେ ଆଜି ଦେଶବ୍ୟାପି ଏକାଦଶ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଉଛି । ୧୯୦୫ ମସିହା ଅଗଷ୍ଟ ୭ ତାରିଖରେ ଐତିହାସିକ ସ୍ୱଦେଶୀ ଆନ୍ଦୋଳନକୁ ମନେପକାଇ ଏହି ଦିବସ ପାଳନ କରାଯାଉଛି । ବୁଣାକାରଙ୍କ କୌଳିକ ବୃତ୍ତି ଏବଂ ଅର୍ଥନୀତିର ମେରୁଦଣ୍ଡ ହସ୍ତତନ୍ତ ଶିଳ୍ପ ଉପରେ ଶୁଣନ୍ତୁ ଏକ ରିପୋର୍ଟ :

ହସ୍ତତନ୍ତ କ୍ଷେତ୍ର ଦେଶର ଗୌରବମୟ ସାଂସ୍କୃତିକ ଐତିହ୍ୟର ଜୀବନ୍ତ ଅଭିବ୍ୟକ୍ତି । ହସ୍ତତନ୍ତ କେବଳ ଆମ ଆଭିଜାତ୍ୟର ପ୍ରତୀକ ନୁହେଁ; ଏହା ରାଜ୍ୟ ତଥା ଦେଶର ଆର୍ଥିକ ଅଭିବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ଉତ୍ସ । ବୁଣାକାରଙ୍କ କଳା, କାରିଗରି ଏବଂ ପରିଶ୍ରମକୁ ସ୍ୱୀକୃତି ଦେବାପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୦୧୫ ମସିହା ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ ପାଇଁ ଘୋଷଣା କରାଯାଇଥିଲା । ୧୧ ବର୍ଷର ସୁଦୀର୍ଘ ଯାତ୍ରା ଏବଂ ଏହି ଦିବସ ପାଳନ ଉଦ୍ଦେଶ୍ୟ ଆଜିର ଦିନ ବହୁମାତ୍ରାରେ ସଫଳ ହୋଇଥିବା ଜଣାପଡ଼େ । ଦିବାରାତ୍ର ତନ୍ତ ପାଖରେ ବସି ପରିବାର ପ୍ରତିପୋଷଣ ଏବଂ କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ଏବଂ ଦେଶର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବାପାଇଁ ଜଣେ ବୁଣାକାର ପରିବାରର ଅବଦାନ ଅତୁଳନୀୟ ।

ବୁଣାକାରଙ୍କ ହାତର କାରୁକାର୍ଯ୍ୟ, ଦେଶର ସଂସ୍କୃତି ଏବଂ ଐତିହ୍ୟକୁ ନିଖୁଣଭାବେ ପ୍ରତିଫଳିତ କରିଥାଏ । ବିଭିନ୍ନ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ଶିଳ୍ପ ମଧ୍ୟରୁ ଓଡ଼ିଶାର ହସ୍ତତନ୍ତ ଶିଳ୍ପର ଚାହିଦା କିଛି ନିଆରା । ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବରଗଡ଼, ସୁବର୍ଣ୍ଣପୁର, ବୌଦ୍ଧ ଆଦି ଜିଲ୍ଲାରେ ସମ୍ବଲପୁରୀ ବାନ୍ଧକଳାର କୁଶଳୀ କାରିଗରମାନଙ୍କ ଆକର୍ଷଣୀୟ କଳାକୃତି ଦେଶ ଏବଂ ବିଦେଶରେ ରାଜ୍ୟର ଗରିମାକୁ ଶିଖରରେ ପହଞ୍ଚାଇ ପାରିଛି । ଏ ସମ୍ପର୍କରେ ବରଗଡ଼ ଜିଲ୍ଲା ବରପାଲିର ଜଣେ ବୁଣାକାର ପଞ୍ଚାନନ ମେହେର କୁହନ୍ତି :

***Voice (Panchanan)*** **:.........**

ବୁଣାକାରଙ୍କ ହସ୍ତତନ୍ତ ଆଜିର ନୁହେଁ; ଏହା ଶହ ଶହ ବର୍ଷ ପୁରାତନ ଆଭିଜାତ୍ୟପୂର୍ଣ୍ଣ କଳାକୃତି; ଯେଉଁଥିରେ କଳା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ସାମାଜିକ ଚଳଣି, ଜନଜୀବନ, ଧର୍ମଧାରଣା ଓ ଆଧ୍ୟାତ୍ମିକ ଚେତନା ଜଡ଼ିତ । ରାଜ୍ୟର ଏହି ବୃହତ୍ ଶିଳ୍ପକୁ ବଞ୍ଚାଇ ରଖିବାପାଇଁ ସମସ୍ତଙ୍କ ପ୍ରଚେଷ୍ଟା ଓ ଆନ୍ତରିକତାର ଆବଶ୍ୟକତା ରହିଛି ।

**ଆକାଶବାଣୀ କଟକ ସମ୍ବାଦ ବିଭାଗପାଇଁ ମୁଁ ସ୍ମୃତିରେଖା ତାରେଣିଆ ।**

***Sonepur/R***

# ହସ୍ତତନ୍ତ ଦିବସ – ଜିଲ୍ଲା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ହସ୍ତତନ୍ତ ଦିବସ ପାଳିତ ହୋଇଛି । ସୁବର୍ଣ୍ଣପୁର ଜିଲ୍ଲାରେ ହସ୍ତତନ୍ତ ଶିଳ୍ପର ବିକାଶ, ପ୍ରସ୍ତୁତି, ବିପଣନ ସହ

ଶିଳ୍ପୀଗୋଷ୍ଠୀର ଆର୍ଥିକ ଉନ୍ନତିପାଇଁ ଜିଲ୍ଲାର ବୁଣାକାରମାନେ ସଙ୍କଳ୍ପ ନେଇଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରୋତ୍ସାହନ ପାଇ ସୁବର୍ଣ୍ଣପୁର ଜିଲ୍ଲାର ହଜାର ହଜାର ବୁଣାକାର ଓ ବାନ୍ଧଶିଳ୍ପୀ ହସ୍ତତନ୍ତ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି । ଚଳିତବର୍ଷ ଜିଲ୍ଲାର ୩ ଜଣ ବୟନ ଓ ବାନ୍ଧଶିଳ୍ପୀ କେନ୍ଦ୍ର ସରକାରଙ୍କଠାରୁ ଜାତୀୟ ପୁରସ୍କାର ଗ୍ରହଣ କରିବାପାଇଁ ମନୋନୀତ ହୋଇଥିବାରୁ ଜିଲ୍ଲା ବୁଣାକାରମାନେ ଉତ୍ସାହିତ ଅଛନ୍ତି ।

ଆକାଶବାଣୀ କଟକ କେନ୍ଦ୍ର ପରିସରରେ ଆଜି ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯାଇଛି । ସଂସ୍ଥାନର ମହିଳା କର୍ମଚାରୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରିଥିଲେ । ଏହି ଅବସରରେ ବୁଣାକାରମାନଙ୍କୁ ପ୍ରୋତ୍ସାହିତ କରିବାପାଇଁ ସପ୍ତାହରେ ଅନ୍ୟୂନ ଗୋଟିଏ ଦିନ ହସ୍ତତନ୍ତ ବସ୍ତ୍ର ପରିଧାନ କରିବାକୁ ମତପ୍ରକାଶ ପାଇଥିଲା । କାର୍ଯ୍ୟକ୍ରମରେ ୨୦ରୁ ଅଧିକ ମହିଳା କର୍ମଚାରୀ ଯୋଗ ଦେଇଥିଲେ ।

***Baragarh/R***

# ଫାଇଲେରିଆ ନିରାକରଣ

ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲେରିଆ ନିରାକରଣପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜନସ୍ୱାସ୍ଥ୍ୟ ଅଧିକାରୀ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଫାଇଲେରିଆ

ରୋଗର ଲକ୍ଷଣ ଓ ନିରାକରଣ ନେଇ ସଚେତନତା ସୃଷ୍ଟିପାଇଁ ପରାମର୍ଶ ଦେଇଛନ୍ତି ।

***Bhadrak/R***

## ଗାଡ଼ି ଯାଞ୍ଚ୍

ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ଆଜି ଜିଲ୍ଲା ପରିବହନ ବିଭାଗ ଏବଂ ତିହିଡି ଓ ପୀରହାଟ ପୁଲିସ୍‌ର ସହଯୋଗରେ ବିଭିନ୍ନ ଗାଡ଼ି ଯାଞ୍ଚ୍ କରାଯାଇ ୫ ଲକ୍ଷ ୮୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି । ମାଦକ ଦ୍ରବ୍ୟ ସେବନ କରି ଗାଡ଼ି ଚଳାଇବା, ବିନା ହେଲ୍‌ମେଟ୍‌ରେ ଗାଡ଼ିଚାଳନା, ଅଧିକ ପଣ୍ୟସାମଗ୍ରୀ ପରିବହନ ଆଦି କାରଣ ପାଇଁ ଜରିମାନା ଆଦାୟ କରାଯାଇଥିଲା ।

******